# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 595 CUTTACK, SATURDAY, APRIL 2, 2016/CHAITRA 13, 1938**

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

ତାରିଖ 17 ମାର୍ଚ୍ଚ 2016

ସଂଖ୍ୟା 8549—RDM-LAA-MBJ-0017/2016-R&DM.—ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୁରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ପାଉଁସିଆ ଡିଷ୍ଟ୍ରିବ୍ୟୁଟାରି ଓ କୃଷ୍ଣଚନ୍ଦ୍ରପୁର ସବ୍‌ମାଇନର ନଂ. III ନିମନ୍ତେ ମୌଜା ନୂଆନଗର, ଥାନା ବେତନଟୀ ନଂ. ୬୩, ତହସିଲ ବାରିପଦା, ଜିଲ୍ଲା ମୟୁରଭଞ୍ଜରେ ନିମ୍ନ ତଫସିଲମତେ ପ୍ରାୟ 3.58 ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧ । ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ପାଉଁସିଆ ଡିଷ୍ଟ୍ରିବ୍ୟୁଟାରି ଓ କୃଷ୍ଣଚନ୍ଦ୍ରପୁର ସବ୍‌ମାଇନର ନଂ. III ନିମନ୍ତେ ।

୨ । ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ– ନିର୍ବାହୀ ଯନ୍ତ୍ରୀ, ବେତନଟୀ କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୁରଭଞ୍ଜ ।

୩ । କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରି କରିବା ।

୪ । ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।

୫ । ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ ଜିଲ୍ଲାପାଳ, ମୟୁରଭଞ୍ଜ

୬ । ଜମିର ବିବରଣୀ :-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ମୟୁରଭଞ୍ଜ | ବାରିପଦା | ନୂଆନଗର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ. ୬.୯୨ | ଏ. ୩.୫୮ | ଏଥିସହିତ ସଂଲଗ୍ନ |

• ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ୦୧.୧୮ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ-୧, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା, ମୟୁରଭଞ୍ଜଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ମୟୁରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ମୟୁରଭଞ୍ଜ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ଭୂମି ଅନୁସୂଚୀ

| ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ପ୍ରଜାଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ | ମନ୍ତବ୍ୟ |
|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) |
| ୧ | ୨୬୬ | ୦.୬୦ | ୦.୨୫ | ଶାରଦ ଦୁଇ | ଅନିଲ କୁମାର ଆଣ୍ଟୋନି, ଅତୁଲ କୁମାର ଆଣ୍ଟୋନି, ପି.ଫ୍ରାନଚାସି ଆଣ୍ଟୋନି, ହେନେରି ଆଣ୍ଟୋନି, ତରିୟାସ ଆଣ୍ଟୋନି, ଯୋସେଫ ଆଣ୍ଟୋନି, ମେରିସିଂ, ବ୍ରେଜେନିଆ ସିଂ, ଆଗ୍ନେସ ଯୋସେଫ, ଜସ୍ୱିନି ଆଣ୍ଟୋନି, ପି. ଆଣ୍ଟୋନି ଯୋସେଫ, ସିସିଲିଆ ଆଣ୍ଟୋନି, ସ୍ୱା.ଆଣ୍ଟୋନି ଯୋସେଫ, ବା. କୃଷ୍ଣଚନ୍ଦ୍ରପୁର, ଜା. ଖ୍ରୀଷ୍ଟିୟାନ । | |
| | ୨୬୯ | ୦.୪୮ | ୦.୧୪ | ଶାରଦ ଦୁଇ | | |
| | ୨୭୦ | ୩.୬୨ | ୧.୭୦ | ଶାରଦ ଦୁଇ | | |
| ୫୭ | ୧୩୨ | ୦.୧୫ | ୦.୦୯ | ଆଶୁ | ରୋହିଆ ସିଂ, ପି. ସହନ ସିଂ, ଜା. ଭୂମିଜ ବା. ଦାନ୍ତିଆମୁହାଁ । | |
| | ୧୩୩ | ୦.୪୯ | ୦.୨୨ | ଡାହି ଏକ | | |
| | | | | **ଗୋଚର ପ୍ରତିବଦଳ** | | |
| ୫୭ | ୧୩୨ | ୦.୧୫ | ୦.୦୬ | ଆଶୁ | ରୋହିଆ ସିଂ, ପି. ସହନ ସିଂ, ଜା. ଭୂମିଜ ବା. ଦାନ୍ତିଆମୁହାଁ । | |
| | ୧୩୩ | ୦.୪୯ | ୦.୨୭ | ଡାହି ଏକ | | |
| ୬୮ | ୧୩୪ | ୦.୫୬ | ୦.୫୬ | ଡାହି ଏକ | ସୁନି ସିଂ, ସ୍ୱା.ରୋହିଆ ସିଂ, ଜା. ଭୂମିଜ, ବା. ଦାନ୍ତିଆମୁହାଁ । | |
| ୭୧/୧୨ | ୧୨୬ | ୦.୩୮ | ୦.୨୯ | ଡାହି ଏକ | ଜୁଲିଆନା ସିଂ, ପି. ନିକେଦମ ସିଂ, ବା. କୃଷ୍ଣଚନ୍ଦ୍ରପୁର ଜା. ଖ୍ରୀଷ୍ଟିୟାନ । | |
| | | ମୋଟ . . | ଏ. ୩.୫୮ଡି | | | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ଅଭୟ କୁମାର ନାୟକ**

ଯୁଗ୍ମ ଶାସନ ସଚିବ

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 15–173+20